# NATIONAL NEWS BULLETIN (ODIA)
## 19 August - 2024
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ନିଃସ୍ୱାର୍ଥପର ଭାବରେ ସମାଜସେବା କରୁଥିବା ଡାକ୍ତରମାନଙ୍କୁ ସୁରକ୍ଷା ଦେବା ରାଜ୍ୟ ସରକାରଙ୍କ ଦାୟିତ୍ୱ – କହିଲେ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ।
- କୋଲକାତା ଦୁଷ୍କର୍ମ ଘଟଣାରେ ପିଡ଼ିତାଙ୍କ ନାମ ପ୍ରକାଶ କରିବା ଏବଂ ଗଣମାଧ୍ୟମରେ ଭୁଲ୍ ତଥ୍ୟ ଦେବା ନେଇ ଦୁଇ ଡାକ୍ତରଙ୍କୁ ପୁଲିସ୍‌ର ଜେରା ।
- ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ବିଆର୍‌ଏସ୍ ନେତ୍ରୀ କେ କବିତାଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତାକାଲି ।
- ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକର ପ୍ରଦର୍ଶନର ସମୀକ୍ଷା କଲେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।

ଏବଂ

- ୪ ଦିନିଆ ଭାରତ ଗସ୍ତରେ ଆସିଛନ୍ତି ୧୫ଟି ଦେଶର ୩୦ ଜଣ ସ୍ୱାସ୍ଥ୍ୟନୀତି ପ୍ରଣୟନକାରୀ ।

# ଆଇଆଣ୍ଡବି-ରିଭ୍ୟୁ

ନିଃସ୍ୱାର୍ଥପର ଭାବରେ ସମାଜସେବା କରୁଥିବା ଡାକ୍ତରମାନଙ୍କୁ ସୁରକ୍ଷା ଦେବା ରାଜ୍ୟ ସରକାରଙ୍କ ଦାୟିତ୍ୱ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍ ମୁରୁଗାନ୍ କହିଛନ୍ତି । କୋଲକାତା ଘଟଣା ସମ୍ପର୍କରେ ଆଜି ଆକାଶବାଣୀ ଚେନ୍ନାଇଠାରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ଡାକ୍ତରଙ୍କ ସୁରକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ଦାୟୀତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ବାଧ୍ୟ ।

୨୦୪୭ରେ ଭାରତ ଏକ ମହାଶକ୍ତିରେ ପରିଣତ ହେବ ଏବଂ ସରକାର ଏହି ଦିଗରେ ନିଜର କାର୍ଯ୍ୟକଳାପ ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ମନ୍ତ୍ରୀ କହିଥିଲେ । ଡିଏମ୍‌କେ ନେତୃତ୍ୱାଧୀନ ତାମିଲନାଡୁ ସରକାର, କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମର ଗୁଡ଼ିକୁ ନିଜର ବୋଲି କହୁଥିବା ମନ୍ତ୍ରୀ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ କେନ୍ଦ୍ର ଦ୍ୱାରା ୮୦୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା କିନ୍ତୁ ଡିଏମ୍‌କେ କେନ୍ଦ୍ର ଅର୍ଥ ପ୍ରଦାନ କରୁନାହିଁ ବୋଲି ଅଭିଯୋଗ କରୁଛି ।

ଗତକାଲିର ସ୍ମାରକୀ ମୁଦ୍ରା କାର୍ଯ୍ୟକ୍ରମ ସମ୍ପର୍କରେ ସେ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି

କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ ଏହା ରାଜନୈତିକ ନୁହେଁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସାମ୍ବାଦିକମାନଙ୍କୁ ଜୀବନ ବୀମା ପାଇଁ ବୀମା ଏବଂ ପିଏମ୍ ସୁରକ୍ଷା ଯୋଜନା ଦିଆଯାଇଛି।

ମନ୍ତ୍ରୀ ଗଣମାଧ୍ୟମ ୟୁନିଟ୍ ଗୁଡ଼ିକର ସମସ୍ତ କାର୍ଯ୍ୟକଳାପର ସମୀକ୍ଷା କରୁଛନ୍ତି । କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସମସ୍ତ ଗଣମାଧ୍ୟମ ୟୁନିଟ୍‌ର ଦାୟିତ୍ୱ ବୋଲି ସେ କହିଛନ୍ତି। ଶ୍ରୀ ମୁରୁଗାନ୍ କଲ୍ୟାଣମୂଳକ ଯୋଜନା ଗୁଡ଼ିକ ବିଷୟରେ ସୂଚନା ଆଦାନପ୍ରଦାନ କରିବାରେ ସକ୍ରିୟ ହେବାକୁ ବିଭାଗଗୁଡ଼ିକୁ ପରାମର୍ଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ତାମିଲନାଡୁ, ଆନ୍ଧ୍ର, କର୍ଣ୍ଣାଟକ, କେରଳ, ତେଲେଙ୍ଗାନା ଓ ପୁଡୁଚେରୀର ପତ୍ର ସୂଚନା କାର୍ଯ୍ୟାଳୟ, କେନ୍ଦ୍ରୀୟ ଯୋଗାଯୋଗ ବିଭାଗ, କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣିକରଣ ପରିଷଦ, ପ୍ରକାଶନ ପ୍ରଭାଗ ଏବଂ ଆକାଶବାଣୀ ଓ ଦୂରଦର୍ଶନର ଆଞ୍ଚଳିକ ମୁଖ୍ୟମାନେ ଅଂଶଗ୍ରହଣ କରିଥିଲେ।

## କୋଲକାତା-ପୋଲିସ୍

ଡାକ୍ତର କୁନାଲ ସରକାର ଏବଂ ଡାକ୍ତର ସୁବର୍ଣ୍ଣା ଗୋସ୍ୱାମୀ ଆଜି କୋଲକାତା ପୁଲିସ ମୁଖ୍ୟାଳୟରେ ହାଜର ହୋଇଥିଲେ। ଆର୍ ଜି କର ମାମଲାର ପୀଡ଼ିତାଙ୍କ ନାମ ପ୍ରକାଶ କରିବା ଏବଂ ସାମାଜିକ

ଗଣମାଧ୍ୟମରେ ଭୁଲ୍ ତଥ୍ୟ ପ୍ରଚାର କରିବା ଘଟଣାରେ ସେମାନଙ୍କୁ ପଚରା ଉଚରା ପାଇଁ  ଡକା ଯାଇଥିଲା । ବହୁ ସଂଖ୍ୟକ ଡାକ୍ତର ସେହି ଦୁଇ ଡାକ୍ତରଙ୍କ ସହ କୋଲକାତା ପୁଲିସ ମୁଖ୍ୟାଳୟକୁ ମଧ୍ୟ  ଯାଇଥିଲେ ।

## ନର୍ସ ପ୍ରୋଟେଷ୍ଟ ୱେଷ୍ଟବେଙ୍ଗଲ

କୋଲକାତାର ନର୍ସିଂ କଲେଜ ଅଫ୍ ମେଡିସିନ୍ ଏବଂ ସାଗର ଦତ୍ତ ମେଡିକାଲ କଲେଜ ଓ ହସ୍ପିଟାଲର ନର୍ସମାନେ ଆଜି ଆର୍ ଜି କର ମେଡିକାଲ କଲେଜ ଘଟଣାର ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଏକ ରାଲିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେମାନେ ହସ୍ପିଟାଲ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଜଣାପଡ଼ିଛି । ଏହି ଘଟଣାକୁ ବିରୋଧ କରୁଥିବା କନିଷ୍ଠ ଡାକ୍ତରମାନେ ମଧ୍ୟ ସେମାନଙ୍କ ସହ ସାମିଲ ହୋଇଥିଲେ ।

## ଏସ୍‌ସି- କେ ଗବିତା ବେଲ୍

ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ କବିତାଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତାକାଲି ସୁପ୍ରିମକୋର୍ଟରେ ହେବ ।

ଗତ ସପ୍ତାହରେ ସର୍ବୋଚ୍ଚ ନ୍ୟାୟାଳୟ କବିତାଙ୍କ ଆବେଦନ ଉପରେ ବିଚାର କରିବାକୁ ରାଜି ହେବା ସହ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଜବାବ ଦାଖଲ କରିବାକୁ କହିଥିଲେ। ତଦନ୍ତକାରୀ ସଂସ୍ଥାର ପକ୍ଷ ନ ଶୁଣି କୌଣସି ମଧ୍ୟବର୍ତ୍ତୀକାଳୀନ ଆଦେଶ ଦେବାକୁ ମନା କରିଦେଇଥିଲେ ।

ଦିଲ୍ଲୀ ହାଇକୋର୍ଟ ଗତ ମାସ ୧ ତାରିଖରେ ବିଆର୍‌ଏସ୍ ମୁଖ୍ୟ ତଥା ତେଲେଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓଙ୍କ ଝିଅ କବିତାଙ୍କ ଜାମିନ  ନାମଞ୍ଜୁର କରିଥିଲେ।

# ସୀତାରମଣ-ରିଭ୍ୟୁ ମିଟ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ନୂଆଦିଲ୍ଲୀରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ପ୍ରଦର୍ଶନର ସମୀକ୍ଷା କରିଛନ୍ତି। ଏଥିରେ ଆର୍ଥିକ ସେବା ବିଭାଗର ସଚିବ ଡକ୍ଟର ବିବେକ ଯୋଶୀ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ସୀତାରମଣ ଜମା ଅଭିବୃଦ୍ଧି, କ୍ରେଡିଟ୍-ଟୁ-ଡିପୋଜିଟ୍ ଅନୁପାତ ଏବଂ ସମ୍ପତ୍ତିର ଗୁଣବତ୍ତା ସମୀକ୍ଷା କରିଥିଲେ, ଯାହା ବ୍ୟାଙ୍କଗୁଡ଼ିକର ପରିଚାଳନାର ଗୁରୁତ୍ୱପୂର୍ଣ୍ଣ ସୂଚକ ଅଟେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପିଏମ୍ ସୂର୍ଯ୍ୟ ଘର ଏବଂ

ପିଏମ୍ ବିଶ୍ୱକର୍ମା ଯୋଜନା ଭଳି ସରକାରୀ ପଦକ୍ଷେପ ଅଧୀନରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ପ୍ରଦର୍ଶନର ମଧ୍ୟ ଅର୍ଥମନ୍ତ୍ରୀ ମୂଲ୍ୟାଙ୍କନ କରିଥିଲେ । ମୋଦି ସରକାରଙ୍କ ତୃତୀୟ ପାଳିରେ ଅର୍ଥମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସୀତାରମଣଙ୍କ ଏହା ହେଉଛି ପ୍ରଥମ ସମୀକ୍ଷା ବୈଠକ । ପରେ ଅର୍ଥମନ୍ତ୍ରୀ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକର ପ୍ରଦର୍ଶନର ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି ।

## ହେଲ୍‌ଥ ଏକ୍ସପର୍ଟ ଭିଜିଟ୍

୧୫ଟି ଦେଶର ୩୦ ଜଣ ସ୍ୱାସ୍ଥ୍ୟ ନୀତି ପ୍ରଣୟନକାରୀ ଆଜିଠାରୁ ୪ ଦିନିଆ ଭାରତ ଗସ୍ତରେ ଆସିଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଭାରତୀୟ ଫାର୍ମାକୋପିଆ କମିଶନ୍‌ର ମିଳିତ ସହଯୋଗରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହି ଗସ୍ତ ଆୟୋଜନ କରୁଛି। ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ନୂଆଦିଲ୍ଲୀରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଏହି ଗସ୍ତ ସମୟରେ ନୀତି ନିର୍ମାତା ଏବଂ ବିଶେଷଜ୍ଞମାନେ ସେମାନଙ୍କ ଭାରତୀୟ ପ୍ରତିପକ୍ଷଙ୍କ ସହ ଆଲୋଚନା କରିବେ ଏବଂ ଭାରତୀୟ ଫାର୍ମାକୋପିଆକୁ ସ୍ୱୀକୃତି, ସ୍ୱାସ୍ଥ୍ୟ କ୍ଷେତ୍ରରେ ସର୍ବୋତ୍ତମ ବ୍ୟବସ୍ଥା, ଦକ୍ଷତା ବୃଦ୍ଧି ଏବଂ ଗୁଣବତ୍ତା ନିୟନ୍ତ୍ରଣ ସମେତ ଆଇପିସି ସହିତ ସହଯୋଗ ଉପରେ ଆଲୋଚନା କରିବେ । ବିଶେଷଜ୍ଞମାନେ ଆଗ୍ରା ଏବଂ

ହାଇଦ୍ରାବାଦ ଗସ୍ତ କରି ଜନଔଷଧି କେନ୍ଦ୍ର ଏବଂ ଔଷଧ ଓ ଟିକା ଉତ୍ପାଦନ ୟୁନିଟ୍ ଏବଂ ଗବେଷଣା ପରୀକ୍ଷାଗାର ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି ।

## ପିଏମ୍-ୱାର୍ଲ୍ଡ ସଂସ୍କୃତ ଦିବସ

ବିଶ୍ୱ ସଂସ୍କୃତ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ ଏହି ଭାଷା ପ୍ରତି ଆଗ୍ରହୀ ଏବଂ ଏହାକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରୁଥିବା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ସିବିଆଇ-କୋଲ୍‌ଫିଲ୍ଡ

ମଧ୍ୟପ୍ରଦେଶର ସିଙ୍ଗରୌଲିସ୍ଥିତ ନର୍ଦ୍ଦନ କୋଲଫିଲ୍ଡସ ଲିମିଟେଡ୍ (ଏନ୍‌ସିଏଲ୍)ର ମ୍ୟାନେଜରଙ୍କ ସମେତ ଚାରି ଜଣଙ୍କୁ ଲାଞ୍ଚ ଏବଂ ଦୁର୍ନୀତି ଅଭିଯୋଗରେ ସିବିଆଇ ଗିରଫ କରିଛି । ସମ୍ପୃକ୍ତ ମ୍ୟାନେଜରଙ୍କ ଘରେ ଚଢ଼ାଉ ବେଳେ ନଗଦ ପ୍ରାୟ ୪ କୋଟି ଟଙ୍କା ଜବତ କରାଯାଇଛି। ଏଜେନ୍ସି କହିଛି ଯେ ସିଙ୍ଗରୌଲିର ଏନ୍‌ସିଏଲ୍‌ରେ କାର୍ଯ୍ୟ କରିବା ପାଇଁ

ଅନୁଗ୍ରହ ବଦଳରେ ଅନେକ ଠିକାଦାର ଏବଂ ଅଧିକାରୀଙ୍କଠାରୁ ଏହି ଅର୍ଥ ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି ।

ତଦନ୍ତକାରୀ ଏଜେନ୍ସି କହିଛି ଯେ ଦ୍ୱିତୀୟ ବ୍ୟକ୍ତି ମଧ୍ୟପ୍ରଦେଶରେ ଏକ ଫାର୍ମ ଚଳାଉଥିଲେ ଏବଂ ବିଭିନ୍ନ ଠିକାଦାର, ବ୍ୟବସାୟୀ ଏବଂ ଏନ୍‌ଏଲ୍‌ସିର ଅନେକ ଅଧିକାରୀଙ୍କ ମଧ୍ୟରେ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରୁଥିଲେ ଏବଂ ସେମାନଙ୍କୁ ଲାଞ୍ଚ ଦେଉଥିଲେ । ଏଜେନ୍ସି କହିଛି ଯେ ଅଭିଯୁକ୍ତଙ୍କ ବିରୋଧରେ ଅନେକ ମାମଲା ରୁଜୁ ହୋଇଛି ଏବଂ ସିବିଆଇର ଏକ ଟିମ୍ ସିଙ୍ଗରୌଲି, ଜବଲପୁର ଏବଂ ନୋଏଡାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ଚଢ଼ାଉ ବେଳେ ବିପୁଳ ପରିମାଣର ନଗଦ ଟଙ୍କା, ଡିଜିଟାଲ ଡିଭାଇସ୍ ଓ ଅନେକ ଆପତ୍ତିଜନକ କାଗଜପତ୍ର ଜବତ କରାଯାଇଛି।

## ଆର୍‌ଏସ୍ ବାଇପୋଲ୍-ସିଙ୍ଘଭି

ତେଲଙ୍ଗାନାରୁ ରାଜ୍ୟସଭା ଉପନିର୍ବାଚନ ପାଇଁ କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି ଆଜି ଦଳର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ରାଜ୍ୟ ମୁଖ୍ୟମନ୍ତ୍ରୀ ଏ ରେବନ୍ତ ରେଡ୍ଡୀ, ତାଙ୍କ ମନ୍ତ୍ରିମଣ୍ଡଳର ସହଯୋଗୀ, ତେଲଙ୍ଗାନାରେ ଦଳୀୟ ବ୍ୟାପାର ପ୍ରଭାରୀ ଦୀପା ଦାସ ମୁନ୍ସି

ରାଜ୍ୟ ବିଧାନସଭାରେ ଅଧିକାରୀମାନଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିବା ସମୟରେ ଉପସ୍ଥିତ ଥିଲେ।

# ଦିଲ୍ଲୀ-ଏମସ୍

ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ-ଏମସ୍ ଦିଲ୍ଲୀ ପକ୍ଷରୁ ରକ୍ତବାହିକାରେ ଦୁର୍ବଳତା କାରଣରୁ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିବା ବିଷୟରେ ସଚେତନତା ନେଇ ଏକ ଅଧିବେଶନର ଆୟୋଜନ କରାଯାଇଥିଲା। ଏହି ଅଧିବେଶନରେ ଆମେରିକାର ବାଏଲର କଲେଜ୍ ଅଫ୍ ମେଡିସିନର ରେଡିଓଲୋଜି ବିଭାଗର ପ୍ରଫେସର ତଥା ନ୍ୟୁରୋସର୍ଜନ୍ ଜାକ୍ସ ମୋରେଟ୍ ଏହି ରୋଗର କାରଣ ଏବଂ ଚିକିତ୍ସା ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ । ପୁରୁଣା ପଦ୍ଧତି ତୁଳନାରେ ଯଥେଷ୍ଟ ଆଧୁନିକ ଓୱେନ୍ ଏଣ୍ଡୋବ୍ରିଜ୍ କୌଶଳ ମାଧ୍ୟମରେ ମସ୍ତିଷ୍କ ଆନ୍ୟୁରିଜମ୍‌ର ସହଜ ଚିକିତ୍ସା କରାଯାଇପାରିବ ବୋଲି ସେ କହିଛନ୍ତି। ଏହି ପଦ୍ଧତିରେ ଆରୋଗ୍ୟ ହାର ୭୦ରୁ ୮୦ ପ୍ରତିଶତ ବୋଲି ସେ କହିଛନ୍ତି। ଏହି ଅଧିବେଶନରେ ନ୍ୟୁରୋସର୍ଜନ ଜାକ୍ସ ମୋରେଟ୍ ମଧ୍ୟ ଏହି ରୋଗର ଚିକିତ୍ସାରେ ପ୍ରଯୁକ୍ତିବିଦ୍ୟାର ଭୂମିକା ଉପରେ ଆଲୋକପାତ କରିଥିଲେ। ଏମ୍ସର ନ୍ୟୁରୋସାଇନ୍ସ ସେଣ୍ଟରର ମୁଖ୍ୟ ପ୍ରଫେସର ଏସ୍

ଗାଇକଓ୍ୱାଡ ମଧ୍ୟ ଦେଶରେ ନ୍ୟୁରୋସାଇନ୍ସର ଅଧ୍ୟୟନ ଉପରେ ଆଲୋଚନା କରିଥିଲେ ।

## ନେପାଳ-ଲ୍ୟାଣ୍ଡସ୍ଲାଇଡ୍

ପଶ୍ଚିମ ନେପାଳର ବଝାଙ୍ଗ ଜିଲ୍ଲାରେ ଭୂସ୍ଖଳନ ଯୋଗୁଁ ୭ ଜଣଙ୍କ ମୃତ୍ୟୁ ଘଟିଛି। ୪ ଜଣ ଲୋକ ସେମାନେ ରହୁଥିବା ଘରେ ଭୂସ୍ଖଳନ ଯୋଗୁଁ ପୋତି ହୋଇଯାଇଥିଲେ । ଫଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା । ତେବେ ମାଟିରେ ପୋତି ହୋଇଥିବା ଅନ୍ୟ ୬ ଜଣଙ୍କୁ ସ୍ଥାନୀୟ ଲୋକ ଓ ପୁଲିସ ସହାୟତାରେ ଉଦ୍ଧାର କରାଯାଇ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି।

ସେପଟେ ମହାକାଲୀ ରାଜପଥର ଗୋକୁଳେଶ୍ୱର-ଖଲଙ୍ଗା ସେକ୍ସନରେ ରାତି ସାରା ବର୍ଷା ଯୋଗୁଁ ଭୂସ୍ଖଳନ ହେବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଅନେକ ଯାନବାହନ ଅଟକି ରହିଛି।

କର୍ଣ୍ଣାଲି ପ୍ରଦେଶର ଜାଜରକୋଟରେ ଆଜି ସକାଳେ ଭୂସ୍ଖଳନରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ଭୂମିକମ୍ପ ପୀଡ଼ିତଙ୍କ ପାଇଁ ନିର୍ମିତ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରହୁଥିଲେ।